# ମାଙ୍କିଡ଼ିଆ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**
କମିଶନର ତଥା ଶାସନ ସଚିବ

# ମାଙ୍କିଡ଼ିଆ



**ମୂଳ ଇଂରାଜୀ :**
ଅଖିଳ ବିହାରୀ ଓଟା
ଶରତ ଚନ୍ଦ୍ର ମହାନ୍ତି

**ଓଡ଼ିଆ ଅନୁସୃଜନ :**
ଅଖିଳ ବିହାରୀ ଓଟା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍





# ଉପକ୍ରମଣିକା

ମାଙ୍କିଡ଼ିଆ ମାନେ ବୀରହୋର୍ ଗୋଷ୍ଠୀ ଅର୍ନ୍ତଭୁକ୍ତ ଅନ୍ୟତମ ଅର୍ଦ୍ଧଯାଯାବର ଜନଜାତି । ସେମାନେ ମୁଖ୍ୟତଃ ଖାଦ୍ୟ ସଂଗ୍ରହକାରୀ ଓ ଶିକାରୀ ଗୋଷ୍ଠୀ ଭାବରେ ପରିଚିତ । ପାରଂପରିକ ଜ୍ଞାନକୌଶଳ ଉପଯୋଗରେ ମାଙ୍କଡ଼ ଧରିବା ଓ ଦଉଡ଼ି ବୁଣିବା ଆଦି କାରଣରୁ ସେମାନଙ୍କୁ ମାଙ୍କିଡ଼ିଆ କୁହାଯାଏ । କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ସେମାନଙ୍କୁ ମାଙ୍କିଡ଼ି କୁହାଯାଉଥିବା ବେଳେ ମୟୂରଭଂଜ ଓ ସମ୍ବଲପୁର ଜିଲ୍ଲାରେ ଏମାନେ ମାଙ୍କିଡ଼ିଆ ଭାବରେ ପରିଚିତ । ଗ୍ରାମାଞ୍ଚଳରେ ମାଙ୍କଡ଼ ଫସଲ, ଫଳମୂଳ ଓ ପନିପରିବା ଚାଷ ଛାରଖାର କରି ବ୍ୟାପକ ଧ୍ୱଂସ କଲେ ସେମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ମାଙ୍କିଡ଼ିଆମାନଙ୍କ ସହଯୋଗ ଲୋଡ଼ିଥାନ୍ତି ।




୪

ସେମାନେ ରାଜ୍ୟର ତଥା ଦେଶର ଅନ୍ୟତମ ଆଦିମ ଯାଯାବର, ବନଚର ଓ ସ୍ୱଳ୍ପଜ୍ଞାତ ଗୋଷ୍ଠୀ । ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ସେମାନେ ଜଙ୍ଗଲରେ ବୁଲନ୍ତି । ପତ୍ରରେ ଅସ୍ଥାୟୀ ଗମ୍ବୁଜାକୃତି ସ୍ଥାନାନ୍ତର ଯୋଗ୍ୟ ଘର ତିଆରି କରି ବସବାସ କରନ୍ତି । ଏହି ପତ୍ର ତିଆରି ଘରକୁ କୁମ୍ବା କୁହନ୍ତି । ସେମାନେ ମୁଣ୍ଡାଭାଷା ସହିତ ଗାଠନିକସଂପର୍କ ଓ ସାଦୃଶ୍ୟ ଥିବା ଭାଷାରେ କଥାବାର୍ତ୍ତା କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ଓଡ଼ିଆ ଭାଷାରେ ବେଶ୍ ଦକ୍ଷ ଓ ସଂଳାପୀ ମନେହୁଅନ୍ତି ।



ମାଙ୍କିଡ଼ିଆମାନଙ୍କ ଠାରେ ସ୍ୱତନ୍ତ୍ର ଶାରୀରିକ ଲକ୍ଷଣମାନ ଦେଖାଯାଏ । ସେମାନଙ୍କ ଦେହର ସ୍ୱାଭାବିକ ଉଚ୍ଚତା ଟିକିଏ କମ୍ । ଦେହର ବର୍ଣ୍ଣ କଳା, ଲମ୍ୱାଳିଆ ମୁଣ୍ଡ, ଚଉଡ଼ା ଚେପ୍‌ଟା ନାକ,ମୋଟା ଓଠ, କୁଞ୍ଚୁ କୁଞ୍ଚିଆ ବାଳ, ଲମ୍ୱାହାତ ଓ ବଙ୍କାଳିଆ ଗୋଡ ।ସେମାନେ ଅତ୍ୟନ୍ତ ସରଳ ଓ ଲାଜକୁଳା ପ୍ରକୃତିର ।

ଜଙ୍ଗଲରେ ଅତୀତ ମଣିଷର ଜୀବନ ଓ ଜୀବିକାର ଚିତ୍ର ସେହି ଅର୍ଦ୍ଧଭ୍ରମଣଶୀଳ ଶିକାରୀ ଜାତିଠାରେ ପରିଲକ୍ଷିତ ହୁଏ । ସେମାନେ ଛୋଟନାଗପୁରର ସୁଉଚ୍ଚ ମାଳଭୂମିର ମୂଳ ବାସିନ୍ଦା ବୋଲି ଜଣାଯାଏ । ସେଠାରୁ ଓଡ଼ିଶାର ବିଭିନ୍ନ ପାହାଡିଆ ଅଂଚଳକୁ ବିସ୍ତାରିତ ହେବା ସହିତ ଅସ୍ଥାୟୀ ବସତି ନିର୍ମାଣ କରି ବସବାସ କରୁଛନ୍ତି ।

















ସେମାନେ ଓଡ଼ିଶା ବ୍ୟତୀତ ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଦେଖାଯାଆନ୍ତି । ଓଡ଼ିଶାରେ ମାଙ୍କିଡ଼ିଆମାନଙ୍କର ଛୋଟ ଛୋଟ ଗୋଷ୍ଠୀ ମୟୂରଭଂଜ, କେଉଁଝର, ବାଲେଶ୍ୱର, ଯାଜପୁର, ଦେବଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ଅନେକାଂଶରେ ଦେଖିବାକୁ ମିଳେ । ସେମାନେ ମୁଖ୍ୟତଃ ଶିମିଳିପାଳ ପାହାଡ଼ ଓ ତା'ର ନିକଟବର୍ତ୍ତୀ ପାହାଡିଆ ଅଂଚଳରେ ଦେଖାଯାଆନ୍ତି । ୨୦୦୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୧୦୫୦ । ପ୍ରାୟ ଶତକଡ଼ା ୯୯ଭାଗ ମାଙ୍କିଡ଼ିଆ ଗ୍ରାମାଞ୍ଚଳବାସୀ । ପ୍ରତି ୧୦୦୦ ପୁରୁଷରେ ୯୩୭ ଜଣ ମହିଳା ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୭ଭାଗ ସାକ୍ଷର ।


ସେମାନଙ୍କର ପାରଂପରିକ ବେଶ ପୋଷାକ ଓ ଅଳଂକାର ଶୈଳୀ ସାଧାରଣ ଓ ସରଳ । ସାନ୍ତାଳ, ମୁଣ୍ଡା, କୋହ୍ଲ, ହୋ ଆଦି ମୁଣ୍ଡା ଭାଷା-ଗୋଷ୍ଠୀ ପରିବାରର ଜୀବନଶୈଳୀକୁ ଉତ୍କୃଷ୍ଟ ନମୁନା ଭାବରେ ସେମାନେ ଗ୍ରହଣ କରନ୍ତି । ପୁରୁଷମାନେ ମୋଟା ତନ୍ତବୁଣା ବସ୍ତ୍ର ପିନ୍ଧନ୍ତି । ମହିଳାମାନେ ମଧ୍ୟ ତନ୍ତବୁଣା ମୋଟା ଶାଢ଼ୀ ପିନ୍ଧନ୍ତି । ପୁରୁଷ ଓ ମହିଳାମାନେ ବ୍ୟବହାର କରୁଥିବା ବସ୍ତ୍ର ବା ପରିଧେୟ ଗୁଡ଼ିକରେ ଧଳାରଙ୍ଗ ଉପରେ ବିଭିନ୍ନ ରଙ୍ଗର ଛକପକା କୋଠି ହୋଇଥାଏ । ସାଧାରଣତଃ ଗାଁର ବୁଣାକାରମାନେ ଏସବୁ ବସ୍ତ୍ର ତିଆରି କରନ୍ତି । ମହିଳାମାନେ କାଚ, ମାଳି ଓ ଶସ୍ତାଧାତୁରେ ତିଆରି ଅଳ୍ପ କେତେକ ଅଳଂକାର ପିନ୍ଧନ୍ତି । କେହି କେହି ମହିଳା ସେମାନଙ୍କ ମୁଣ୍ଡର ଜୁଡ଼ାରେ କାଠ ପାନିଆଁ ଲଗେଇବାର ଦେଖାଯାଏ ।







HAIR STYLE OF MANKIDIA WOMAN





# ବସତି ବା ବାସସ୍ଥଳୀ

ଖେଳ ଦେଖାଇବା, ଶିଆଳୀ ଲତା ଓ ଲଘୁ ବନଜାତ ଦ୍ରବ୍ୟ ଆଦି ପ୍ରାକୃତିକ ସଂପଦସଂଗ୍ରହ କରିବା ଲକ୍ଷ୍ୟରେ ଜଙ୍ଗଲ ପଥରେ ବୁଲୁ ବୁଲୁ ବେଳେବେଳେ ସେମାନେ ଜିଲ୍ଲା ଓ ରାଜ୍ୟର ସୀମା ଅତିକ୍ରମ କରିଯାଆନ୍ତି । ଉଦାହରଣ ସ୍ୱରୂପ ଜଙ୍ଗଲ ପଥରେ ବୁଲି ବୁଲି ସେମାନେ ଓଡ଼ିଶାରୁ ପଶ୍ଚିମବଂଗର ହଜାରିବାଗ ଜିଲ୍ଲାକୁ ପଳାଇ ଯାଆନ୍ତି । ଥରେ ସେମାନେ ବାହାର ରାଜ୍ୟରେ ପହଞ୍ଚିଗଲେ ସେଠାରେ ଦୁଇ ତିନି ବର୍ଷ ରହି ପୁଣି ଫେରିଆସନ୍ତି । ଥରେ ମୟୂରଭଂଜ ଜିଲ୍ଲାର ଦଳେ ମାଙ୍କିଡ଼ିଆ ଓଡ଼ିଶାର ସୀମା ପାର ହୋଇ ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ଟାଟା ନଗରକୁ ବିବାହ କରିବା ଲକ୍ଷ୍ୟରେ ଚାଲି ଯାଇଥିଲେ । ପ୍ରାୟ ବର୍ଷେ ଭିତରେ ସେମାନେ ପୁଣି ମୟୂରଭଂଜ ଜିଲ୍ଲାକୁ ଫେରି ଆସିଲେ ।

ମାଙ୍କିଡ଼ିଆମାନେ ସେମାନଙ୍କ ଛୋଟ ଛୋଟ ଅସ୍ଥାୟୀ ବସତିରେ ପତ୍ରକୁଡ଼ିଆ ତିଆରି କରିଥାନ୍ତି । ଏହି 'ପତ୍ରଘର' ସମୂହକୁ ସେମାନେ 'ଟାଣ୍ଡା' କୁହନ୍ତି । ଜାତି ପୁରୋହିତ 'ଦେହୁରୀ' ନୂତନ ବସତି ସ୍ଥାପନ କରିବା ନିମନ୍ତେ ଧାର୍ମିକ ପରୀକ୍ଷଣ କରି ଉପଯୋଗୀ ସ୍ଥାନଟିଏ ବାଛି ସାରିବା ପରେ ସେଠାରେ ନୂଆ ବସତି ଗଢିଉଠେ । ସାଧାଣତଃ ସାପ୍ତାହିକ ହାଟ, ବଜାର, ସହଜରେ ପାଣି ମିଳୁଥିବା ସ୍ଥାନ ଓ ଜଙ୍ଗଲ ସନ୍ନିକଟରେ ମାଙ୍କିଡ଼ିଆମାନେ ସେମାନଙ୍କ ନୂଆବସତି ବସାନ୍ତି । ଅଧିକାଂଶ କ୍ଷେତ୍ରରେ ଗୋଟିଏ ଗାଁର ଶେଷମୁଣ୍ଡରେ ଏହି ଟାଣ୍ଡା ଦେଖିବାକୁ ମିଳିଥାଏ ।

ଗୋଟିଏ ଟାଣ୍ଡାର ବାସ କରୁଥିବା ପରିବାର ସମୂହର ପ୍ରତିକୂଳ ପ୍ରଭାବ ସେଠାକାର ଜଙ୍ଗଲ ଓ ବଜାର ଭିତ୍ତିକ ଅର୍ଥନୀତି ଉପରେ ପଡ଼ିଥାଏ । ତେଣୁ ଗୋଟିଏ ଟାଣ୍ଡା ୧୦ରୁ ୧୫ଟି ପରିବାରର ପ୍ରାୟ ୫୦/୬୦ଜଣଙ୍କୁ ନେଇ ଗଠିତ ହୋଇଥାଏ । କେତେକ ପରିବାର ନିକଟ ସଂପର୍କୀୟ ହୋଇଥିବା ବେଳେ ଆଉ କେତେକଙ୍କ ମଧରେ ରକ୍ତ ସଂପର୍କ ରହିଥାଏ । ଏମାନେ ଗୋଟିଏ କୁଟୁମ୍ବର ହୋଇଥାନ୍ତି । ପ୍ରତି ପରିବାର ପାଇଁ ସ୍ୱତନ୍ତ୍ର କୁମ୍ଭା (ପତ୍ରଘର) ଥାଏ । ଏତଦ୍‌ବ୍ୟତୀତ ଧୁଗ୍‌ଲା ଓ କୁଡିଅଡ଼ା ନାମରେ ଅନ୍ୟ ଦୁଇଟି କୁମ୍ଭା ମଧ ନିର୍ମିତ ହୋଇଥାଏ । ଅବିବାହିତ ବାଳକମାନେ ରାତିରେ ଧୁଗ୍‌ଲାରେ ଶୁଅନ୍ତି । ଅବିବାହିତା ବାଳିକାମାନେ 'କୁଡ଼ି ଅଡ଼ା'ରେ ଶୋଇଥାନ୍ତି । ଆଉ ଗୋଟିଏ ସ୍ୱତନ୍ତ୍ର ପତ୍ରକୁଡ଼ିଆ(କୁମ୍ଭା)ରେ ଟାଣ୍ଡା ଦେବତାକୁ ସ୍ଥାପନ କରି ପୂଜା କରାଯାଏ ।












ସେମାନେ ଅନ୍ୟ ଋତୁ ତୁଳନାରେ ଗ୍ରୀଷ୍ମ ଋତୁରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ପ୍ରାୟତଃ ବାରମ୍ବାର ଯାଇଥାନ୍ତି । କିନ୍ତୁ ବର୍ଷାଋତୁ ଚାରିମାସ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳର ଗ୍ରୁଷ ଗାଁ ନିକଟରେ ନିଜର ଅସ୍ଥାୟୀ ବସତି ସ୍ଥାପନ କରି ବର୍ଷାକାଳ କଟେଇ ଦିଅନ୍ତି । ଶୀତ ଋତୁରେ ଦୁଇ ବା ତିନିଥର ରହଣି ଶିବିର ବଦଳାନ୍ତି । ବାରମ୍ବାର ନିଜର ବସତି ଅଂଚଳ ପରିବର୍ତ୍ତନ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା । ଅଧିକନ୍ତୁ ପୋଡୁଚାଷ କରୁଥିବା କେତେକ ଜନଜାତିଙ୍କ ଦ୍ୱାରା ଅତି ଅନ୍ୟାୟ ଭାବରେ ଜଙ୍ଗଲ ସଂପଦର ଦ୍ରୁତ











ଅବକ୍ଷୟ ହେବା ଏବଂ କେତେକ ଅଣ ଆଦିବାସୀ ଲୋକ ଜାଳେଣି କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଦ୍ୱାରା ମାଙ୍କିଡିଆମାନଙ୍କର ଜୀବନ ଓ ଜୀବିକାରେ ପ୍ରତିବଂଧକ ସୃଷ୍ଟି ହେଉଛି । ସେମାନେ ଦଉଡ଼ି ତିଆରି କରିବା ପାଇଁ ଆବଶ୍ୟକୀୟ ଶିଆଳୀ ଛେଲି ପାଇ ପାରୁ ନାହାଁନ୍ତି । ସାଧାରଣତଃ ମାଙ୍କଡ଼ିଆମାନଙ୍କ ଟାଣ୍ଡା ବର୍ଷାଋତୁରେ ଗୋଟିଏ ବା ଦୁଇଟି ସ୍ଥାନରେ ବସିଲାବେଳେ ଗ୍ରୀଷ୍ମ ଋତୁରେ ବାରମ୍ବାର ସେମାନଙ୍କ ବସତି ସ୍ଥଳ ବଦଳୁଥାଏ ।









ମାଙ୍କଡ଼ିଆମାନେ କରଞ୍ଜିଆ ଉପଖଣ୍ଡ ଅଂଚଳରେ ନିମ୍ନ କାରଣରୁ ବାରମ୍ବାର ସେମାନଙ୍କ ରହଣୀ ଶିବିର ବଦଳାଇଥାନ୍ତି । ଜ୍ଞାତି କୁଟୁମ୍ବ ସଂପର୍କକୁ ମୂଳ କରି ସେମାନେ ନିଜ ନିଜ ଭିତରେ କେତେକ ଦଳରେ ବିଭକ୍ତ ହୋଇ ଜଙ୍ଗଲ ସଂପଦଅନ୍ବେଷଣରେ ବାହାରି ପଡନ୍ତି । ମୁଖ୍ୟତଃ ସେମାନେ ପରିପୁଷ୍ଟ ଶିଆଳୀ ଲତା, ସଂଗ୍ରହ କରିବା, ମାଙ୍କଡ଼ ଧରିବା ଓ ଦଉଡ଼ା ତିଆରି କରି ବିକ୍ରି କରିବା ଉଦ୍ଦେଶ୍ୟରେ ବିଭିନ୍ନ ଆଡ଼େ ବୁଲୁଥାନ୍ତି ।

ଅନ୍ୟକାରଣମାନଙ୍କ ମଧ୍ୟରେ ଶିଆଳୀ ଲତାର ସ୍ୱଳ୍ପ ଯୋଗାଣ, ମାଙ୍କଡ଼ ପଲର ଇତସ୍ତତଃ ରହଣୀସ୍ଥଳ, କୃଷକ ଓ ଆଂଚଳିକ ଲୋକମାନଙ୍କ ମଧ୍ୟରେ ଦଉଡ଼ା ବିକ୍ରିର ଚାହିଦା ହ୍ରାସ ଅନ୍ୟତମ । ସଂପର୍କୀୟଙ୍କ ଅକାଳ ମୃତ୍ୟୁ, ଟାଣ୍ଡା ସଦସ୍ୟମାନଙ୍କ ମଧ୍ୟରେ କଳହ ଓ ଦ୍ୱନ୍ଦ୍ୱ, ମନଲାଖି କନ୍ୟାର ଅନୁସନ୍ଧାନ, ଧର୍ମବିଧି ପାଳନ, ଜଣେ ସଂପର୍କୀୟର ଅନ୍ୟ ଏକ ଟାଣ୍ଡାରେ ଧାର୍ମିକ ପୂଜା ଉତ୍ସବ ଆଦି କାର୍ଯ୍ୟ ହେଉଥିଲେ ସେଠାରେ ଯୋଗଦେବା ନିମନ୍ତେ ମାଙ୍କିଡ଼ିଆମାନେ ଗୋଟିଏ ଟାଣ୍ଡା ଛାଡି ଆଉ ଗୋଟିଏ ଟାଣ୍ଡାଥିବା ଅଂଚଳକୁ ଯାଇଥାନ୍ତି । ଏହିପରି ସେମାନଙ୍କ ଭିତରେ କେତେକ ଅନ୍ଧବିଶ୍ୱାସ ରହିଛି । ମୌସୁମୀ ସମୟରେ ମାଙ୍କିଡ଼ିଆମାନେ ସ୍ଥାନୀୟ କୃଷକମାନଙ୍କ କୃଷି କ୍ଷେତ୍ରରେ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କିଛିଦିନ ରହିଯାଆନ୍ତି ।









# ଗୃହନିର୍ମାଣ



ମାଙ୍କଡ଼ିଆଙ୍କ ପତ୍ରକୁଡ଼ିଆ (କୁମ୍ଭା)ର ଆକାର ଗୋଟିଏ ଗମ୍ବୁଜ ପରି । ସେଥିରେ ଦ୍ୱାର ଖୋଲିଲା ଭଳି ଗୋଟିଏ ପ୍ରବେଶ ପଥ ରହିଥାଏ । ଶାଳଗଛର ପତ୍ରଯୁକ୍ତ ପ୍ରଶାଖାଗୁଡ଼ିକୁ ଛୋଟ ଛୋଟ ଗଛଡାଳିଆରେ ଏପରି ବାଗରେ ଶିଆଳୀ ତନ୍ତୁ ସହାୟତାରେ ବୁଣାଯାଏ ଯେପରି ଅଳ୍ପ ସମୟରେ ଗମ୍ବୁଜାକୃତି ପତ୍ରକୁଡ଼ିଆଟିଏ ପ୍ରସ୍ତୁତ ହୋଇଯାଏ । ଓଡ଼ିଶାର ମୟୂରଭଂଜ ଜିଲ୍ଲା ଅନ୍ତର୍ଗତ କରଞ୍ଜିଆ ଅଂଚଳରେ ଦେଖାଯାଉଥିବା କୁମ୍ଭାର ହାରାହାରି ଉଚ୍ଚତା ୫ଫୁଟ ହୋଇଥାଏ । କୁମ୍ଭା ଭିତରକୁ ବର୍ଷାପାଣି ନ ପଶିବା ନିମନ୍ତେ ବର୍ଷାଋତୁରେ କୁମ୍ଭାର ଚତୁଃପାର୍ଶ୍ୱ ପରିଧି ପୃଷ୍ଠରେ ମାଟିର ହୁଡ଼ା ଦିଆଯାଏ । କୁମ୍ଭାରେ ଝରକା ନଥାଏ । ତିନିଫୁଟ ଦୈର୍ଘ୍ୟ ଓ ତିନିଫୁଟ ପ୍ରସ୍ଥ ବିଶିଷ୍ଟ ଶାଳଗଛରେ ଡାଳରେ ନିର୍ମିତ ଗୋଟିଏ ଟାଟି କବାଟ ଲାଗିଥାଏ । ପତ୍ରକୁଡ଼ିଆ ବା କୁମ୍ଭା ନିର୍ମାଣ କୌଶଳ ଏତେ ନିଖୁଣ ଯେ ସେଥିରେ ବର୍ଷା ପାଣି ପଶିବାର ସମ୍ଭାବନା ନଥାଏ ।



୩





ଗୁରୁଣ୍ଡି ଗୁରୁଣ୍ଡି ମାଙ୍କିଡ଼ିଆମାନେ କୁମ୍ଭା ଭିତରକୁ ପ୍ରବେଶ କରନ୍ତି । କୁମ୍ଭା ମଣିଷ, ଗୃହପାଳିତ ପଶୁପକ୍ଷୀ ଓ ସ୍ୱଳ୍ପ ଘରୋଇ ଆସବାବପତ୍ର ନିମନ୍ତେ ଉପଯୋଗୀ ହୋଇଥାଏ । ସେମାନଙ୍କ ଆସବାବପତ୍ର ଭିତରେ ଅଳ୍ପ କେତେକ ଲୁଗାପଟା, ରୋଷେଇ ସରଞ୍ଜାମ, ବାସନକୁସନ, ଦଉଡ଼ି ତିଆରି କରିବାରେ ବ୍ୟବହୃତ ହେଉଥିବା କେତେକ କାଷ୍ଠ ଓ ଲୌହ ଉପକରଣ ଥାଏ । କୁମ୍ଭା ଭିତରର ଗୋଟିଏ ଅଂଶକୁ ରୋଷେଇ ଓ ଭଣ୍ଡାରଘର ଭାବରେ ବ୍ୟବହାର କରାଯାଏ । କୁମ୍ଭା ତିଆରି କରିବାରେ ମାଙ୍କିଡ଼ିଆମାନେ ଏତେ ଅଭିଜ୍ଞ ଯେ ମାତ୍ର ଅଳ୍ପ କେତେ ଘଣ୍ଟା ଭିତରେ ଗୋଟଏ ମାଙ୍କିଡ଼ିଆ ପରିବାର କୁମ୍ଭା ପାଇଁ ଆବଶ୍ୟକ ହେଉଥିବା ସମସ୍ତ କଂଚାମାଲ ସଂଗ୍ରହ କରିଦିଅନ୍ତି । ମାଙ୍କଡ଼ିଆମାନେ କୁହନ୍ତି- ସେମାନଙ୍କର ବାୟୁ ଓ ଜଳ ନିରୋଧକ କୁମ୍ଭା ଭିତରେ ଶୀତଦିନେ ଗରମ ଓ ଗରମ ଦିନେ ଥଣ୍ଡା ଅନୁଭୂତ ହୁଏ ।

ଗୋଟିଏ ବଡ଼ କୁମ୍ଭା ପଛପଟେ ମାଙ୍କିଡ଼ିଆମାନେ ସେମାନଙ୍କର ପୂର୍ବପୁରୁଷର ଦେବଦେବୀଙ୍କ ବାସସ୍ଥଳୀ ଭାବରେ ଛୋଟ କୁମ୍ଭାଟିଏ ତିଆରି କରନ୍ତି । ଏହି ଛୋଟ କୁମ୍ଭାରେ ଆଲବୋଙ୍ଗା ରୁହନ୍ତି । ମୃତଲୋକର ଆତ୍ମା ସେମାନଙ୍କ ସହିତ ଟାଣ୍ଡାରେ ବାସକରେ ବୋଲି ମାଙ୍କିଡ଼ିଆ ମାନଙ୍କର ବିଶ୍ୱାସ ରହିଛି । ମାଙ୍କିଡ଼ିଆମାନେ ଗୋଟିଏ ଟାଣ୍ଡା ଛାଡି ଅନ୍ୟତ୍ର ସ୍ଥାନାନ୍ତର ହେବା ସମୟରେ ବଡ଼ କୁମ୍ଭାଟିକୁ ଭାଙ୍ଗି ଦିଅନ୍ତି । ମାତ୍ର ପୂର୍ବପୁରୁଷର ଦେବତା "ଆଲବୋଙ୍ଗା" ଙ୍କ ଉଦ୍ଦେଶ୍ୟରେ ନିର୍ମିତ ଛୋଟାକୁମ୍ଭାଟିକୁ ସେମାନେ ଭାଙ୍ଗନ୍ତି ନାହିଁ । ଛୋଟ କୁମ୍ଭାରେ ଥିବା ପବିତ୍ର ପୂଜାବସ୍ତୁକୁ ସମ୍ମାନର ସହ ନେଇ ନୂତନ ଟାଣ୍ଡାରେ ଛୋଟ ପତ୍ରକୁଡ଼ିଆଟିଏ ତିଆରି କରି ସେଥିରେ ସେସବୁକୁ ରଖନ୍ତି ।









# ଜୀବନ ଓ ଜୀବିକା








ଶିଆଳୀ ଲତା ଛେଲିରୁ ଦଉଡ଼ି ତିଆରି କରିବା ମାଙ୍କିଡ଼ିଆମାନଙ୍କର ମୁଖ୍ୟ ବ୍ୟବସାୟ । କୃଷିକର୍ମ ଓ ବିଭିନ୍ନ ଘରୋଇ କର୍ମରେ ସ୍ଥାନୀୟ କୃଷକମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦଉଡ଼ିକୁ ବ୍ୟବହାର କରନ୍ତି । ନିମ୍ନରେ ମାଙ୍କିଡ଼ିଆମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କିସମ ଦଉଡ଼ିର ଏକ ସାରଣୀ ପ୍ରଦତ୍ତ ହେଲା-


| କ୍ର. | ଆଂଚଳିକ ଭାଷା | ମାଙ୍କିଡ଼ିଆ ଭାଷା | କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ | ଦୈନିକ ପ୍ରସ୍ତୁତ ସାମଗ୍ରୀ |
|---|---|---|---|---|
| ୧ | ସିକା | ସିକୁର | କାନ୍ଧରେ ବୋହିବାପାଇଁ ବାହୁଙ୍ଗୀରେ ଲାଗୁଥିବା ଶିକା | ଜଣ ପିଛା ଦିନକୁ ୨ ହଳ |
| ୨. | ପଘା | ପାଘା | ଗାଈଗୋରୁ ବାନ୍ଧିବା | ଜଣକା ୨୦ଟି |
| ୩. | ବାର୍ଜାଓ | ବରେହି | କୂଅରୁ ମାଠିଆରେ ପାଣି କାଢ଼ିବା | ଦୁଇଜଣରେ ୧୦ଖଣ୍ଡ |
| ୪. | ପଣ୍ଡା ଛାଟି | କୋଡଡ୍‌ଘା | ମଇଁଷି ବାନ୍ଧିବା | ଜଣକା ୮ରୁ ୧୦ଖଣ୍ଡ |
| ୫. | ଛେଳି ପଘା | ମେରୋଣି ଯୋଡ଼ା | ଛେଳି ବାନ୍ଧିବା | ଜଣପିଛା ୨୦ଖଣ୍ଡ |
| ୬. | ଯାଉଁଳି ଅମଳ ସମୟରେ ବ୍ୟବହୃତ ଦଉଡ଼ି | ଧାଉଁରି | ଫସଲ ଅମଳ ସମୟରେ ଗାଁରେ ଗୋରୁ ବାନ୍ଧିବା | ଜଣପିଛା ୧୦ରୁ ୧୨ ଖଣ୍ଡ |



ଦଉଡ଼ି ତିଆରି କରିବା କଳା ଯୋଗୁଁ ବେଶ୍ ଦୁଇ ପଇସା ରୋଜଗାର କରିବା ଫଳରେ ମାଙ୍କଡ଼ିଆମାନଙ୍କ ଜୀବନ ଓ ଜୀବିକା ନିର୍ବାହ କ୍ଷେତ୍ର ଟିକିଏ ସହଜ ହୋଇଥାଏ । ପରିପୁଷ୍ଟ ପାକଳ ଶିଆଳୀ ଲତାକୁ ଛେଲି ଚୋପାଛଡ଼ାଇ ଓ ଛେଚି ତା'ର ତନ୍ତୁ ବାହାର କରି ତାକୁ ଦଉଡ଼ି ବଳିବା ପାଇଁ ଉପଯୋଗୀ କରାଯାଏ । କୁମ୍ଭା ଆଗରେ ବା ବଡ଼ଗଛ ତଳେ ବସି ମାଙ୍କିଡ଼ିଆମାନେ ଏହି ଦଉଡ଼ି ତିଆରି କାର୍ଯ୍ୟରେ ନିୟୋଜିତ ଥାଆନ୍ତି । ସେମାନେ ଶିଆଳୀ ଲତାର ତନ୍ତୁରୁ ବିଭିନ୍ନ ଆକୃତିର ବେଣୀପକା ଦଉଡ଼ି, ଦୂରକୁ ଟେକା ଫିଙ୍ଗିବା ପାଇଁ ଦଉଡ଼ା ତିଆରି ଫାଶ, ଥଳିଆ, ଝୁଲା ଚୋପା ଆଦି ତିଆରି କରନ୍ତି ।







ଆଦିବାସୀମାନେ ତେଲ ତିଆରି କରିବା ପାଇଁ ନିଜସ୍ୱ ପାରଂପରିକ ପଦ୍ଧତି ଅନୁସରଣ କରନ୍ତି । ସେମାନେ ଦୁଇଟି ମୋଟା କାଠ ପଟା ବା ମୋଟା ତକ୍ତା ଦ୍ୱାରା ତେଲବୀଜକୁ ଚାପଦେଇ ସେଥିରୁ ନିସୃତ ତେଲକୁ ଶିଆଳୀ ଲତାରୁ ପ୍ରସ୍ତୁତ ଟୋପାରେ ସଂଗ୍ରହ କରନ୍ତି । ଟୋପାରୁ ଝରଣ ପ୍ରକ୍ରିୟାରେ ତେଲ ସଂଗୃହୀତ ହେବାପରେ ମୋଟା ଖଦଡ଼ା ଅଂଶତକ ରହିଯାଏ ।



ତେଲ ପ୍ରସ୍ତୁତ କରିବାରେ ବ୍ୟବହୃତ ଟୋପା ଓ ମଇଁଷି ବନ୍ଧା ଦଉଡ଼ି ମହିଳାମାନେ ପ୍ରସ୍ତୁତ କରି ପାରନ୍ତି ନାହିଁ । ଅନ୍ୟ ସବୁପ୍ରକାର ଦଉଡ଼ିକୁ ଉଭୟ ପୁରୁଷ ଓ ମହିଳାମାନେ ତିଆରି କରନ୍ତି । ବୁଢ଼ୀମାନେ ଖଜୁରୀ ପତ୍ରରୁ ଖଜୁରୀ ପଟି ତିଆରି କରନ୍ତି । ଖଜୁରୀ ପଟିକୁ ନ ବିକି ସେମାନେ ନିଜେ ବ୍ୟବହାର କରନ୍ତି । ଜଣେ ମାଙ୍କଡ଼ିଆ ଦୈନିକ ହାରାହାରି ୩୦ରୁ ୪୦ ଟଙ୍କା ମୂଲ୍ୟରେ ଦଉଡ଼ି ସାମଗ୍ରୀ ତିଆରି କରିପାରେ ।









ଏହି କାରିଗରୀ କଳା ବା ହସ୍ତଶିଳ୍ପ ନିମନ୍ତେ ସେମାନେ କୁରାଢ଼ୀ ଟାଙ୍ଗି ଛୁରୀ ଓ ଧାରୁଆ ବାଉଁଶ ବା କାଠ ପାତିଆ ଆଦି ଉପକରଣମାନ ବ୍ୟବହାର କରନ୍ତି । ବେଳେବେଳେ ସେମାନେ ସ୍ଥାନୀୟ କୃଷକମାନଙ୍କ ଚାହିଦା ପୂରଣ ନିମନ୍ତେ ଝୋଟକୁ କଂଚାମାଲ ଭାବରେ ବ୍ୟବହାର କରନ୍ତି । ବର୍ତ୍ତମାନ କେତେକ ମାଙ୍କିଡ଼ିଆ ସୂକ୍ଷ୍ମ ଶିଆଳୀ ତନ୍ତୁ ଓ ଝୋଟରୁ ସୁନ୍ଦର ସୁନ୍ଦର ଆକର୍ଷଣୀୟ ମନୋହାରୀ ଜିନିଷମାନ ତିଆରି କରୁଛନ୍ତି । ଆଂଚଳିକ କୃଷକ ମହଲରେ ଏସବୁ ଜିନିଷଗୁଡ଼ିକର ବେଶ୍ ଚାହିଦା ରହିଛି ।







ମାଙ୍କିଡ଼ିଆମାନେ ଦକ୍ଷ ମାଙ୍କଡ଼ ଧରାଳୀ । ମାଙ୍କଡ଼ ଧରିବା ପାଇଁ ସେମାନେ ବଡ଼ ବଡ଼ ଶିଆଳୀ ଜାଲ ବ୍ୟବହାର କରନ୍ତି । ସେମାନେ ମାଙ୍କଡ଼ ମାଂସ ଖାଆନ୍ତି । ଆଂଚଳିକ ଚମଡ଼ା ବ୍ୟବସାୟୀଙ୍କୁ ମାଙ୍କଡ଼ ଚମଡ଼ା ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି । ମାଙ୍କଡ଼ ମାଂସରୁ ତରକାରୀ ତିଆରି କରିବାପାଇଁ ସେମାନେ ହଳଦୀ ବ୍ୟବହାର କରନ୍ତି ନାହିଁ । ମାଙ୍କଡ଼ ମାଂସ ତରକାରୀରେ ହଳଦୀ ବ୍ୟବହାର କଲେ ସେମାନେ ମାଙ୍କଡ଼ ଶିକାରରେ ଅସଫଳ ହେବେ ଏ ଧାରଣା ସେମାନଙ୍କର ରହିଛି ।



କେବେ କେବେ ସେମାନେ ଜାଲ ଓ ଫାଶ ବସେଇ ପକ୍ଷୀ, ଗୁଣ୍ଡୁଚିମୂଷା, ଠେକୁଆ, ହରିଣ ଆଦି ଧରନ୍ତି । ଧରିଥିବା ପଶୁପକ୍ଷୀମାନଙ୍କୁ ସାଧାରଣତଃ ନିକଟ ଗ୍ରାମ ଅଥବା ହାଟ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି ।

କେତେକ ମାଙ୍କିଡ଼ିଆ, ଧାନ ଅମଳ କରିବା, ଚାରାରୋପଣ କରିବା, କ୍ଷେତ ପରିଷ୍କାର କରିବା ଆଦି କୃଷି ବିଦ୍ୟା ଓ କୌଶଳରେ ନିପୁଣତା ହାସଲ କରିଛନ୍ତି । ସ୍ଥାନୀୟ ଲୋକେ ସେମାନଙ୍କୁ କୃଷି ସମୟରେ ଶ୍ରମିକ ଭାବରେ କାମରେ ଲଗାଉଛନ୍ତି । ପୁରୁଷ ଓ ମହିଳା ଉଭୟେ କୃଷିକ୍ଷେତ୍ରରେ କାମ କରି ଯେଉଁ ମଜୁରୀ ପାଆନ୍ତି, ତାହା ପାରିବାରିକ ଆୟବୃଦ୍ଧିରେ ସହାୟକ ହୋଇଥାଏ ।










ମାଙ୍କିଡ଼ିଆମାନେ ଛେଳି, କୁକୁଡା, କୁକୁର ଆଦି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ଏହାଦ୍ୱାରା ସେମାନଙ୍କ ଆୟ ବଢ଼ିବା ସହିତ ଖାଦ୍ୟାଭାବ ମଧ୍ୟ କେତେକାଂଶରେ ଦୂର ହୋଇଥାଏ । ଯଦିଓ ମାଙ୍କିଡ଼ିଆମାନେ ଜୀବିକା ନିର୍ବାହ ନିମନ୍ତେ ବହୁମୁଖୀ ଧନ୍ଦା କରିଥାନ୍ତି ତଥାପି ଅଧିକାଂଶ ସମୟ ଖାଦ୍ୟର ଅଭାବ ପଡ଼େ । ଅଭାବ ବା ନିଅଣ୍ଟିଆ ସମୟରେ ସେମାନେ ପୂର୍ବରୁ ଘରେ ସାଇତି ରଖିଥିବା






ଆୟଟାକୁଆକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ମାଙ୍କିଡ଼ିଆମାନଙ୍କ ମୁଖ୍ୟ ଖାଦ୍ୟ ହେଲା ଭାତ । ଦଉଡ଼ି ଓ ଜଙ୍ଗଲରୁ ଗ୍ରହଣ କରିଥିବା ଜିନିଷ ବିକ୍ରି କରି ସେମାନେ ଯେଉଁ ଅର୍ଥ ଉପାର୍ଜନ କରିଥାନ୍ତି ସେଥିରେ ହାଟ ବଜାରରୁ ସପ୍ତାହକ ଚଳିବା ପାଇଁ ଆବଶ୍ୟକ ପଡୁଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଦିଅନ୍ତି ।

ସେମାନେ ମଧ୍ୟ ବଜାରରୁ ମକା ଓ ବାଜରା କିଣନ୍ତି । ଭାତ ଖାଇବା ସହିତ ମକା ଓ ବାଜରାରୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଖାଆନ୍ତି । ନିଜ ଖର୍ଚ୍ଚ ମେଣ୍ଟାଇବା ଓ ନିଜେ ଖାଇବା ପାଇଁ ସେମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଶାଗ, ଛତୁ, ଫଳ (କେନ୍ଦୁ, ଆମ୍ବ, ତାଳ) ସଂଗ୍ରହ କରନ୍ତି । ଶିଆଳୀ ଲତା ଚାଲି ସଂଗ୍ରହ କରିବା ଲକ୍ଷ୍ୟରେ ସେମାନେ ଜଙ୍ଗଲକୁ ଯିବାବେଳେ ବିଭିନ୍ନ ସ୍ଥାନରେ ରେଶମ ଖୋସା ମିଳେ । ରେଶମ ଖୋସା ମିଳିବା ସ୍ଥାନ ସଂପର୍କରେ ମାଙ୍କିଡ଼ିଆମାନଙ୍କର ଧାରଣା ଓ ଜ୍ଞାନ ଥାଏ । ରେଶମ ଖୋସା ବିକ୍ରିରୁ ଯେଉଁ ଅର୍ଥ ମିଳେ ସେଥିରେ ସେମାନେ ନିଜର ଲୁଗାପଟା ଆଦି କିଣନ୍ତି ।







ପର୍ବପର୍ବାଣି ସମୟରେ ସେମାନେ ବିଭିନ୍ନ ପିଠାପଣା ଓ ସ୍ୱାଦିଷ୍ଟ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରିବା ସହିତ ଆମିଷ ଭୋଜନ କରନ୍ତି । ଯେତେବେଳେ ସେମାନେ ମାଙ୍କଡ଼ ମାରନ୍ତି ବଳକା ମାଙ୍କଡ଼ ମାଂସକୁ ଖରାରେ ଶୁଖାଇ ଭବିଷ୍ୟତର ଖର୍ଚ୍ଚ ପାଇଁ ସାଇତି ରଖି ଦିଅନ୍ତି ।







ହାଣ୍ଡିଆ ଓ ମହୁଲୀ ମଦସେମାନଙ୍କର ପାରଂପରିକ ନିଶାଯୁକ୍ତ ପାନୀୟ । ମହିଳାମାନେ ଘରେ ପ୍ରସ୍ତୁତ କରୁଥିବା ହାଣ୍ଡିଆ ସେମାନଙ୍କର ସବୁଠୁ ବେଶୀ ପ୍ରିୟ । ବଜାରରେ ମିଳୁଥିବା ନିଶାଯୁକ୍ତ ପାନୀୟ ମଧ୍ୟ ସେମାନେ ବ୍ୟବହାର କରନ୍ତି । ପୁରୁଷ ମାଙ୍କିଡ଼ିଆମାନେ ପିକାଟାଣନ୍ତି ଓ ତମାଖୁ ସେବନ କରନ୍ତି ।

ମାଙ୍କିଡ଼ିଆମାନଙ୍କର କାର୍ଯ୍ୟାବଳୀ ଜଙ୍ଗଲ ଓ ବଜାର ଭିତ୍ତିକ ହୋଇଥାଏ । ଆବଶ୍ୟକୀୟ ଜଙ୍ଗଲ ସଂପଦସଂଗ୍ରହ କରିବା; ଶିକାରରେ ସଫଳ ହେବା, ଓ ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ସେମାନେ ଜଙ୍ଗଲକୁ ଭକ୍ତି ସହକାରେ ପୂଜା ଉପାସନା କରନ୍ତି ।

"ଦିସୁମ ସେଣ୍ଡ୍ରା" ନାମରେ ସେମାନଙ୍କର ଏକ ବାର୍ଷିକ ଶିକାର ପର୍ବ ପାଳିତ ହୁଏ । ବେଳେ ବେଳେ ସେମାନେ ଜଙ୍ଗଲରେ ଏକାଦିକ୍ରମେ ତିନି ଚାରି ଦିନ ରହିଯାନ୍ତି । ଆବଶ୍ୟକୀୟ ପଦାର୍ଥ ସଂଗ୍ରହ କରି ଟାଣ୍ଡାକୁ ଫେରନ୍ତି । ଟାଣ୍ଡାରେ ଦଉଡ଼ି ଓ ଟୋପା ଆଦି ପ୍ରସ୍ତୁତ କରନ୍ତି ।



ଦଉଡ଼ି ବିକ୍ରି କରିବା ପାଇଁ ସେମାନେ ନିୟମିତ ଭାବରେ ସାପ୍ତାହିକ ବଜାରକୁ ଯାଆନ୍ତି । ବିକ୍ରି ଲବ୍ଧ ଅର୍ଥରେ ନିଜର ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ତେଲ, ଲୁଣ ଆଦି ସାମଗ୍ରୀ କିଣନ୍ତି । ବଜାର ସ୍ଥଳୀରେ ସାଙ୍ଗ ସାଥୀ ବନ୍ଧୁ ବାନ୍ଧବଙ୍କ ସହିତ ଭେଟଘାଟ ହୁଏ । ସେଠାରେ ମଧ ସେମାନେ କିଛି ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ଖାଇବା ସହିତ ମଦ୍ୟପାନ କରି ଆନନ୍ଦରେ ସମୟ ବିତେଇ







ଦିଅନ୍ତି । ଅବିବାହିତ ଯୁବକ ଓ ଅବିବାହିତ ଯୁବତୀମାନେ ବଜାର ସ୍ଥଳୀରେ ଅନ୍ୟ ଟାଣ୍ଡାରେ ରହୁଥିବା ପ୍ରେମିକ, ପ୍ରେମିକାମାନଙ୍କ ସହିତ ଏକାଠି ହେବାର ମଉକା ପାଆନ୍ତି । ଆଧୁନିକତାର ପ୍ରଭାବରେ ମାଙ୍କଡ଼ିଆମାନଙ୍କ ମନ ବଜାର ଅର୍ଥନୀତି ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ମଧ୍ୟରେ 'ବଦଳ' ପ୍ରଥାର ପ୍ରଚଳନ ରହିଛି । କେବେକେବେ ଗାଁ ଦାଣ୍ଡରେ ମାଙ୍କିଡ଼ିଆମାନେ ସେମାନଙ୍କ ଦଉଡ଼ି ଓ ଟୋପାକୁ ଯଚେଇ ବିକିବାର ଦେଖାଯାଏ । ଚାଉଳ ଓ ମୁଢ଼ି ବଦଳରେ ସେମାନେ ଦଉଡ଼ି ଓ ଟୋପା ଦେଇଥାନ୍ତି । ମୟୂରଭଂଜ ଜିଲ୍ଲାରେ ମୁଢ଼ି ଏକ ଲୋକପ୍ରିୟ ପ୍ରସିଦ୍ଧ ଖାଦ୍ୟ ।



ଜଙ୍ଗଲ ସେମାନଙ୍କୁ ଦଉଡ଼ି ଓ ଝୁଡ଼ି ତିଆରି କରିବା ପାଇଁ ଆବଶ୍ୟକୀୟ କଂଚାମାଲ ଯୋଗାଇ ଦିଏ । ସେମାନେ ବଜାରରେ ତିଆରି କରିଥିବା ଜିନିଷକୁ ବିକ୍ରିକରି ଅଥବା ବଦଳେଇ ନିଜର ଆବଶ୍ୟକୀୟ ଜିନିଷ କିଣନ୍ତି । ଜଙ୍ଗଲ ଓ ବଜାର ମଧ୍ୟରେ ପାରସ୍ପରିକ କ୍ରିୟାର ନିୟମିତତା ଉପରେ ସେମାନଙ୍କର ଜୀବିକା ନିର୍ଭରଶୀଳ ହୋଇଥାଏ ।

ମାଙ୍କଡ଼ିଆମାନଙ୍କ ଅର୍ଥନୈତିକ ଜୀବନ ସବୁବେଳେ ଜଟିଳ ଓ ସଙ୍କଟପୂର୍ଣ୍ଣ । ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ବଡ଼ କଷ୍ଟ । ସେମାନେ କଠୋର ପରିଶ୍ରମ କରି ଜୀବିକା ନିର୍ବାହ କରନ୍ତି । ଦାଣ୍ଡରୁ ଆସିଲେ ହାଣ୍ଡିରେ ପଡେ । ତଥାପି ସେମାନେ ଆନନ୍ଦ ଓ ସନ୍ତୋଷରେ ରହିଥାନ୍ତି ।








# ସାମାଜିକ ଜୀବନ

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାଙ୍କଡ଼ିଆମାନଙ୍କର ଧାରାବାହିକ ଜୀବନକ୍ରିୟା ବାଲ୍ୟ, କୈଶୋର, ଯୌବନ, ବିବାହ ପାରିବାରିକ ଜୀବନ ଓ ବାର୍ଦ୍ଧକ୍ୟ ଦେଇ ଗତି କରେ । ମୃତ୍ୟୁରେ ଜୀବନର ଶେଷ ହୁଏ । ମଣିଷ ଭୂତାତ୍ମା ହୋଇ ଚାଲିଯାଏ ଏକ ଅଦୃଶ୍ୟ ପୃଥିବୀକୁ । ସେଠାରେ ରହି ସେ ପୃଥିବୀରେ ଥିବା ମଣିଷମାନଙ୍କ ଭାଗ୍ୟକୁ ପ୍ରଭାବିତ କରିପାରେ ।



ପରିବାରରେ ପିଲାଟିଏ ଜନ୍ମହେଲେ ମାଙ୍କଡ଼ିଆମାନେ ବହୁତ ଖୁସି ହୁଅନ୍ତି । ସେମାନେ ବାପାଙ୍କୁ ଆବ ଓ ମା'ଙ୍କୁ ମା ଡାକନ୍ତି । ଏଇ ଡାକ ଶୁଣି ବାପା ମାଆମାନେ ଗର୍ବ ଅନୁଭବ କରନ୍ତି । ଯେଉଁମାନଙ୍କର ପିଲାପିଲି ନଥାଏ ସେମାନେ ଏଥିପାଇଁ ଦୁଃଖ କରନ୍ତି । କନ୍ୟା ସନ୍ତାନଟି ଜନ୍ମ ହେବା ଅପେକ୍ଷା ପୁତ୍ର ସନ୍ତାନଟିଏ ଜନ୍ମ ହେଉ ବୋଲି ମାଙ୍କଡ଼ିଆମାନେ ଚାହାନ୍ତି । ପୁତ୍ର ସନ୍ତାନ ସେମାନଙ୍କର ଅଧିକ ପସନ୍ଦ । କନ୍ୟା ସନ୍ତାନଟି ବଡ଼ ହୋଇ ବିବାହ କଲାପରେ ବାପା ମାଆଙ୍କୁ ଛାଡ଼ି ଚାଲିଯିବ । ପୁଅଟି ବାପା ମାଆଙ୍କୁ ଶେଷ ଜୀବନରେ ସାହା ଭରସା ହେବ ।





ଗର୍ଭବତୀ ମହିଳାମାନଙ୍କୁ କେତେକ ସାମାଜିକ ପ୍ରଥା ମାନିବାକୁ ହୁଏ । କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଓ କର୍ମପ୍ରତି ସେମାନଙ୍କ ପାଇଁ କଟକଣା ଥାଏ । କଠିନ ପରିଶ୍ରମ କରିବା; ରନ୍ଧାବଢ଼ା କାର୍ଯ୍ୟକରିବା ଠାରୁ ସେମାନଙ୍କୁ ଦୂରରେ ରଖାଯାଏ । ମହିଳାମାନେ ଶବଠାରୁ ଦୂରରେ ରୁହନ୍ତି । ସେମାନେ ଦେବଆସ୍ଥାନ ବା ପୂଜାସ୍ଥଳୀ ନିକଟକୁ ଯାଆନ୍ତି ନାହିଁ । ଦେବ କାର୍ଯ୍ୟରେ ଉତ୍ସର୍ଗୀକୃତ ମାଂସ ଖାଇବାକୁ ସେମାନଙ୍କୁ ବାରଣ କରାଯାଏ । ବାହାରକୁ ଗଲାବେଳେ ସେମାନେ ଶରୀରକୁ ସଂପୂର୍ଣ୍ଣ ଭାବରେ ଆବୃତ୍ତ କରିଯାଆନ୍ତି । ଏହାଦ୍ୱାରା କୌଣସି ଦୁଷ୍ଟଲୋକ ଅଥବା ଶତ୍ରୁର ନଜର ସେମାନଙ୍କ ଉପରେ ପଡ଼ି କିଛି କ୍ଷତି ଘଟାଇବାର ସମ୍ଭାବନା ନଥାଏ ।



ଜଣେ ପାରଂପରିକ ଗ୍ରାମ୍ୟ ଧାଈ ମା'ର ଯତ୍ନରେ ଗର୍ଭବତୀ ମହିଳାଟିଏ ପିଲାଟିକୁ ଜନ୍ମଦିଏ । ସାତଦିନ ଯାଏ ଟାଣ୍ଡାର ଲୋକମାନେ ସୂତିକିଆ ଅଶୌଚ ପାଳନ କରନ୍ତି । ମାତ୍ର ଯେଉଁ ପରିବାରରେ ପିଲାଟି ଜନ୍ମ ହୋଇଥାଏ, ସେହି ପରିବାରର ସଦସ୍ୟମାନେ ୨୧ ଦିନ ଯାଏ ସୂତିକିଆ ଅଶୌଚ ପାଳନ କରିଥାନ୍ତି ।

ମାଙ୍କଡିଆମାନଙ୍କ ଜୀବନରେ ବିବାହ ଏକ ଆନନ୍ଦ ଓ ରଙ୍ଗମୟ ବ୍ୟାପାର । ଝିଅମାନଙ୍କ କ୍ଷେତ୍ରରେ ୧୪ରୁ ୧୮ ଓ ପୁଅମାନଙ୍କ କ୍ଷେତ୍ରରେ ୨୦ରୁ ୨୫ ବର୍ଷ ବୟସକୁ ଉପଯୁକ୍ତ



ବିବାହ ବୟସ ବୋଲି ଗ୍ରହଣ କରାଯାଏ । ବିବାହର ଅନ୍ୟୁନ ୨ ବର୍ଷ ପୂର୍ବରୁ ମାଙ୍କଡିଆ କିଶୋର କିଶୋରୀମାନେ ଧାଙ୍ଗଡ଼ିଶାଳରେ ବୟୋଜ୍ୟେଷ୍ଠ ସଦସ୍ୟ ସଦସ୍ୟମାନଙ୍କ ଠାରୁ "ଜୀବନ କଳା" ଶିଖି ସାରିବା ପରେ ବିବାହ ପାଇଁ ମନ ବଳାନ୍ତି ।

ଗୋଟିଏ ଟାଣ୍ଡା ଭିତରେ ବିବାହ ଏକ ଲୋକପ୍ରିୟ ଚଳଣି ବା ପଦ୍ଧତି । ବହୁ ବଂଶର ମିଳିତ ସମାବେଶରେ ଗୋଟିଏ ଟାଣ୍ଡା ଗଠିତ ହୋଇଥାଏ । ମାଙ୍କଡ଼ିଆ ସମାଜରେ ବଂଶ ବାହାରେ ବିବାହ ଚଳଣି ନାହିଁ । ମାତ୍ର ଶାଳୀ ବିବାହ ଓ ବିଧବା ବିବାହ ପ୍ରଥାକୁ ସେମାନେ ଭଲରେ ଗ୍ରହଣ କରି ନେଇଛନ୍ତି । ସାଧାରଣତଃ ପ୍ରସ୍ତାବ ବିବାହକୁ ଅଗ୍ରାଧିକାର ଦିଆଯାଏ । ଏହା ବ୍ୟତୀତ ଝିକା ବିବାହ ଓ ବଦଳାକନ୍ୟା ବିବାହ ପ୍ରଥା ମଧ୍ୟ ପ୍ରଚଳିତ ହୁଏ ।

ମାଙ୍କଡ଼ିଆ ସମାଜରେ ଛାଡପତ୍ର ବ୍ୟବସ୍ଥା ଅଛି । ଜଣେ ପୁରୁଷ ବିପତ୍ନୀକ ହେଲେ ଅଥବା ଜଣେ ମହିଳା ସ୍ୱାମୀହିନା ହେଲେ ଉଭୟେ ଇଚ୍ଛାକଲେ ପୁନର୍ବିବାହ କରିପାରନ୍ତି । ପ୍ରତି ପ୍ରସ୍ତାବ ବିବାହରେ ବରପକ୍ଷରୁ କନ୍ୟାପିତାଙ୍କୁ କନ୍ୟାମୂଲ୍ୟ ଦେବାର ବ୍ୟବସ୍ଥା ରହିବା ସହିତ କିଛି ଅର୍ଥ ଓ ତିନିଖଣ୍ଡ ଲୁଗା ଦେବାର ଚଳଣି ମଧ୍ୟ ରହିଛି ।







ବିବାହ ଉତ୍ସବ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ମାସ ଧାର୍ଯ୍ୟ ହୋଇ ନଥାଏ । ମୁଖ୍ୟତଃ ମୌସୁମୀ ଚାଲିଗଲା ପରେ ହାତରେ ପଇସା ଥିବାବେଳେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ପାଖରେ ପଇସା ପତ୍ର ଥିବା ସମୟରେ ବିବାହ ଉତ୍ସବ ସଙ୍ଗଠିତ ହେଲେ ଘରକୁ ଆସିଥିବା ଅତିଥି ଓ ସଂପର୍କୀୟ ବଂଧୁ ବାନ୍ଧବମାନେ ବିନା ବାଧାରେ ଆନନ୍ଦ ଉତ୍ସାହର ସହିତ ମାତି ଯାଆନ୍ତି ।









ବିବାହ ଦିବସରେ ବର ତା'ର ସାଙ୍ଗ, ସାଥୀ, ସଂପର୍କୀୟ ଓ ଟାଣ୍ଡା ସଦସ୍ୟ ମାନଙ୍କ ସହ ଜାକଜମକରେ ଅତ୍ୟନ୍ତ ଆନନ୍ଦ ଉତ୍ସାହର ସହିତ କନ୍ୟାଟାଣ୍ଡା ଅଭିମୁଖେ ଯାତ୍ରା କରନ୍ତି । କନ୍ୟାଟାଣ୍ଡା ପକ୍ଷରୁ ବର ପକ୍ଷକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଭୋଜିଭାତରେ ଆପ୍ୟାୟିତ କରାଯାଏ ।



ଏକ ଉତ୍ସବ ମୁଖର ଧାର୍ମିକ ପରିବେଶରେ ବର କନ୍ୟା କପାଳରେ ସିନ୍ଦୂର ଲଗାଇ ବିବାହ ଧର୍ମବିଧି ସଂପାଦିତ କରିବା ସହ ସେହି କନ୍ୟାକୁ ନିଜର ଧର୍ମପତ୍ନୀ ଭାବରେ ଗ୍ରହଣ କରେ ।









ଏହି ସମୟରେ ଉଭୟ ପକ୍ଷର ବାଳକ, ବାଳିକା ଓ ଯୁବକ ଯୁବତୀମାନେ ଆନନ୍ଦ ଉତ୍ସାହର ସହିତ ବାଦ୍ୟର ତାଳେ ତାଳେ ନୃତ୍ୟ ଓ ସଙ୍ଗୀତ ଭିତରେ ହଜି ଯାଆନ୍ତି । ବିବାହ ଉତ୍ସବ ଶେଷ ହେବା ପରେ ବର ଓ କନ୍ୟା ସେମାନଙ୍କ ଦଳ ସହିତ ଟାଣ୍ଡାକୁ ପ୍ରତ୍ୟାବର୍ତ୍ତନ କରନ୍ତି । ବରପିତା ପକ୍ଷରୁ ଟାଣ୍ଡାରେ ସମସ୍ତଙ୍କ ପାଇଁ ଭୋଜିଭାତର ଆୟୋଜନ ହୋଇଥାଏ ।










ମାଙ୍କଡ଼ିଆମାନଙ୍କ ପରିବାର ପ୍ରାୟତଃ ସବୁବେଳେ ଛୋଟ ହୋଇଥାଏ । ବାପା, ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ଏହା ଗଠିତ । କେତେକ କ୍ଷେତ୍ରରେ ବିଧବା ମା ଅଥବା ବିପତ୍ନୀକ ବାପାଙ୍କୁ ବିବାହିତ ପୁତ୍ରର ପରିବାରରେ ରହିବାକୁ ହୁଏ । ପରିବାରର ପରବର୍ତ୍ତୀ ସାମାଜିକ ସଙ୍ଗଠନ ହେଉଛି ବଂଶ । ବଂଶ ବିବାହ କାର୍ଯ୍ୟ ପରିଚାଳନା କରିବା ସହିତ ବଂଶ ଭିତରେ ଅବୈଧ ସଂପର୍କକୁ ବାରଣ କରେ । ମାଙ୍କଡ଼ିଆମାନଙ୍କ ମଧ୍ୟରେ ଏକାଧିକ ବଂଶ ଦୃଷ୍ଟିଗୋଚର ହୁଏ । ସିନ୍‌ଖିଲି, ହେମ୍ବ୍ରମ୍, ନାଗପୁରିଆ, ମାଲିହି, ସିକ୍‌ରିଆ ଆଦି କେତେକ ମାଙ୍କଡ଼ିଆ ବଂଶ ରହିଛି ।



ଗୋଟିଏ ମାଙ୍କଡ଼ିଆ ପରିବାରରେ ପୁରୁଷ ଓ ମହିଳା ପରସ୍ପରର ଅନୁପୂରକ ଓ ପରିପୂରକ ହୋଇଥାନ୍ତି । ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ମଧ୍ୟରେ କେହି ସାନ ବା ବଡ଼ ନୁହନ୍ତି । ପୁରୁଷମାନେ ଶିକାର ପରି କାମ କଲାବେଳେ ମହିଳାମାନେ ସ୍ୱତନ୍ତ୍ର ଭାବରେ ପାରିବାରିକ ଦାୟିତ୍ୱ ସଂପାଦନ କରନ୍ତି । ମହିଳାମାନେ ଘରକାମ କରିବା, ପିଲାମାନଙ୍କର ଯତ୍ନନେବା, ରୋଷେଇ ବାସ କରିବା, ପରିବାରର ସଦସ୍ୟମାନଙ୍କୁ ଖାଦ୍ୟ ପରଷିବା ଆଦି କାମରେ ନିୟୋଜିତ ରୁହନ୍ତି । ପିଲାମାନେ ବାପା ମାଆଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରନ୍ତି । ସେମାନଙ୍କ ଠାରୁ ଜୀବନ ଜୀଇଁବାର ଯଥାର୍ଥ କଳା ଶିଖନ୍ତି । ପରିବାରର ବୟୋଜ୍ୟେଷ୍ଠ ସଦସ୍ୟମାନେ ମଧ୍ୟ ଆଳସ୍ୟରେ ଦିନ କାଟନ୍ତି ନାହିଁ । ସେମାନେ ଯେଉଁକାମ କରିପାରିବେ ସେହିପରି କର୍ମ ସଂପାଦନ କରି ପାରିବାରିକ ଆୟ ବୃଦ୍ଧିରେ ସହାୟକ ହୋଇଥାନ୍ତି ।














ଗୋଟିଏ ମାଙ୍କଡ଼ିଆ ପରିବାରରେ କେହି ମୃତ୍ୟୁବରଣ କଲେ ପରିବାରରେ ସଦସ୍ୟମାନେ ଏହି ଖବର ସେମାନଙ୍କ କୁଟୁମ୍ବ ଲୋକଙ୍କୁ ଦେଇଥାନ୍ତି । ବାର୍ଦ୍ଧକ୍ୟ ପୂର୍ବରୁ ଅକାଳରେ କେହି ମୃତ୍ୟୁବରଣ କଲେ ତାହା କୌଣସି ଦୁଷ୍ଟ ଭୂତାତ୍ମା ଅଥବା ଗୁଣିଆର ଅପକର୍ମ ଜନିତ ଫଳ ବୋଲି ବିଶ୍ୱାସ କରାଯାଏ । ସାଧାରଣତଃ ଗୋଟିଏ ଖାତରେ ମୃତ ବ୍ୟକ୍ତିର ଶବକୁ ପୋତି ଦିଆଯାଏ । ଶବର ମୁଣ୍ଡକୁ ଦକ୍ଷିଣ ପଶ୍ଚିମ ଦିଗ କରି ରଖାଯାଏ । ମୃତ ଅଶୌଚ ୧୦ ଦିନ ପାଳନ କରାଯାଏ । ଦଶମ ଦିନ ପୂଜକ ଦେହୁରୀ, ମୃତକର୍ମ ବିଧି ସଂପାଦନ କରି ଟାଣ୍ଡା ଓ କୁଟୁମ୍ବ ସଦସ୍ୟମାନଙ୍କ ଉପରେ ପବିତ୍ର ଜଳ ଛିଞ୍ଚି ଦିଏ । ସେଦିନ ସନ୍ଧ୍ୟାରେ ଟାଣ୍ଡା, କୁଟୁମ୍ବ ଓ ଅନ୍ୟ ନିମନ୍ତ୍ରିତ ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କ ନିମନ୍ତେ ଗୋଟିଏ ଭୋଜିର ଆୟୋଜନ ହୁଏ ।









ଯେତେବେଳେ ଗୋଟିଏ ଟାଣ୍ଡାର ଲୋକମାନେ ନୂଆସ୍ଥାନକୁ ଯିବାପାଇଁ ଇଚ୍ଛାପ୍ରକାଶ କରନ୍ତି ସେତେବେଳେ ଟାଣ୍ଡାର ସମସ୍ତ ପରିବାର ଏକାଠି ହୋଇ ନୂତନ ଗନ୍ତବ୍ୟ ସ୍ଥଳ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରନ୍ତି । ଜଣେ ମଣିଷ ତା'ର ନିଜ ଇଚ୍ଛା ଅନୁସାରେ ଗୋଟଏ ଟାଣ୍ଡା ଛାଡି ଆଉ ଗୋଟିଏ ନୂତନ ଟାଣ୍ଡାର ସଦସ୍ୟ ହୋଇପାରେ । ନୂତନ ଟାଣ୍ଡାରୁ ପୁନର୍ବାର ମୂଳ ଟାଣ୍ଡାକୁ ଫେରିବା ନିମନ୍ତେ ତା'ର ମଧ ସ୍ୱତନ୍ତ୍ର ଅଧିକାର ଥାଏ । ସେ ମୂଳ ଟାଣ୍ଡାକୁ ଫେରିଲେ ସେହି ଟାଣ୍ଡାର ସହବାସୀମାନେ ତାକୁ ସହୃଦୟତାର ସହିତ ଗ୍ରହଣ କରନ୍ତି । ଗୋଟିଏ ଟାଣ୍ଡାରେ ଆଉ ଥରେ ଯୋଗ ଦେବାକୁ ଚାହୁଁଥିବା ନବାଗତ ସଦସ୍ୟ ସାମାଜିକ ପ୍ରଥା ଅନୁଯାୟୀ ସେହି ଟାଣ୍ଡାର ମୁଖିଆ ଓ ସହଚର ସଦସ୍ୟଙ୍କୁ ଉପହାର ସ୍ୱରୂପ ମଦପିଇବାକୁ ଦିଅନ୍ତି ।



# ଗୁଣି ଗାରେଡି ଓ ଧର୍ମୀୟ ଜୀବନ ଧାରା

ମାଙ୍କିଡ଼ିଆମାନେ ବହୁ ଧର୍ମବିଶ୍ୱାସୀ । ମୂଳତଃ ସେମାନେ ପ୍ରକୃତିର ଉପାଦାନଗୁଡ଼ିକୁ ପୂଜା କରନ୍ତି । ସେମାନଙ୍କ ବିଶ୍ୱାସରେ ଯେଉଁ ଦେବତା ଓ ଭୂତାତ୍ମା ରୋଗ, ମୃତ୍ୟୁ ଓ ନାନା ପ୍ରକାର ଅସୁବିଧା ସୃଷ୍ଟି କରନ୍ତି ସେମାନେ କ୍ଷତିକାରକ । ଅନ୍ୟ ପକ୍ଷରେ ଯେଉଁମାନେ ପ୍ରଗତି, ସମୃଦ୍ଧି ଓ ସର୍ବୋପରି ସମାଜର ମଙ୍ଗଳ କରନ୍ତି ସେମାନେ ହିତୈଷୀ ।







ପଡ଼ୋଶୀ ମୁଣ୍ଡା ଭାଷାଭାଷୀ ଅନ୍ୟ ଜନଜାତିଙ୍କ ପରି ମାଙ୍କଡ଼ିଆମାନେ ସୂର୍ଯ୍ୟଦେବଙ୍କୁ ସେମାନଙ୍କର ମୁଖ୍ୟ ଦେବତା ଭାବରେ ପୂଜା ଅର୍ଚ୍ଚନା କରନ୍ତି । ଶିମିଳିପାଳରେ ବଣଜଙ୍ଗଲ ଓ ପାହାଡ଼ ଶ୍ରେଣୀରେ ସେମାନଙ୍କର ଦୁଇ ସର୍ବଶ୍ରେଷ୍ଠ ପରମ ଦେବତା ଲୋଗୋବୀର ଓ ବୁଢ଼ୀମାଇ ରୁହନ୍ତି ।





ଉତ୍ତମ ସ୍ୱାସ୍ଥ୍ୟ, ଶିକାରରେ ସଫଳତା ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କୌଣସି ଅସୁବିଧା ବା ଦୁର୍ଘଟଣାର ସମ୍ମୁଖୀନ ନ ହେବା ଉଦ୍ଦେଶ୍ୟରେ ସେମାନେ ପୂର୍ବପୁରୁଷମାନଙ୍କୁ ପୂଜା କରନ୍ତି । ବିଭିନ୍ନ ମାସରେ ସେମାନଙ୍କୁ ନିୟମିତ ଭାବରେ ପୂଜା କରାଯାଏ । ପ୍ରତି ବଂଶର ସ୍ୱତନ୍ତ୍ର ଦେବତା ଥାଆନ୍ତି । ସେମାନଙ୍କ ପାଇଁ ଟାଣ୍ଡାରେ ଛୋଟ ଛୋଟ କୁମ୍ଭାର ତିଆରି ହୋଇଥାଏ । ପର୍ବପର୍ବାଣି ଓ ପୂଜା ସମୟରେ ସେଠାରେ ଦେବଦେବୀଗଣଙ୍କୁ ପୂଜା କରିବା ସହିତ ଖାଦ୍ୟ ଅର୍ପଣ କରାଯାଏ ।










# ସାମାଜିକ ନିୟନ୍ତ୍ରଣ



ବ୍ୟାବହାରିକ ଦୃଷ୍ଟିକୋଣରୁ ମାଙ୍କଡ଼ିଆମାନଙ୍କର ଟାଣ୍ଡା ଗୋଟିଏ ସ୍ୱୟଂ ଶାସିତ ସାମାଜିକ ଓ ରାଜନୈତିକ ସଙ୍ଗଠନ । ଟାଣ୍ଡାର ସର୍ବୋଚ୍ଚ ପରିଚାଳକଙ୍କୁ ମୁଖିଆ କୁହନ୍ତି । ଏହି ପଦବୀଟି ବଂଶାନୁକ୍ରମିକ । ବେଳେବେଳେ ଟାଣ୍ଡାର ମୁଖିଆ ପୂଜାରୀ କାମ କରନ୍ତି । ଦେବଦେବୀ ପୂଜା କରିବା ସହିତ ଆନୁଷ୍ଠାନିକ ପୂଜା ବିଧି ସଂପାଦିତ କରନ୍ତି । ପୂଜାରେ ବଳି ଦିଆଯାଉଥିବା ପ୍ରାଣୀ ମାଂସର ଏକ ପ୍ରମୁଖ ଅଂଶ ବ୍ୟତୀତ ସେ ଆଉ କିଛି ପାରିଶ୍ରମିକ ଗ୍ରହଣ କରନ୍ତି ନାହିଁ କିନ୍ତୁ ସେ ତାଙ୍କ ଲୋକମାନଙ୍କ ଠାରୁ ଉପଯୁକ୍ତ ସମ୍ମାନ ଓ ଆନୁଗତ୍ୟ ଦାବୀ କରନ୍ତି ।







ପାରମ୍ପରିକ ଟାଣ୍ଡା ପରିଷଦସଭାରେ ଟାଣ୍ଡା ଓ ତା'ର ସଦସ୍ୟମାନଙ୍କ ବିଷୟରେ ପ୍ରଚଳିତ ସାମାଜିକ ପ୍ରଥାକୁ ଆଧାର କରି ଘଟଣାର ବିଚାର କରାଯାଏ ଓ ନିଷ୍ପତ୍ତି ନିଆଯାଏ । ଗୋଟିଏ ଟାଣ୍ଡା ଅଧୀନରେ ଥିବା ସମସ୍ତ ପରିବାରର ମୁଖ୍ୟ ପୁରୁଷ ସଦସ୍ୟ ଟାଣ୍ଡାର ସଭ୍ୟ ଭାବରେ ପରିଗଣିତ ହୁଏ । ମୁଖିଆଙ୍କ ସଭାପତିତ୍ୱରେ ଟାଣ୍ଡା ପରିଷଦର ସଭା ଅନୁଷ୍ଠିତ ହୁଏ । ସେମାନେ ଦୋଷୀ ଓ ନୈତିକ ଅଧପତନ ଘଟିଥିବା ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ ପରି ଦଣ୍ଡବିଧାନ କରିଥାନ୍ତି । ଏହାକୁ ସେମାନେ ମକ୍ଷସଭୟବକ୍ଷ ବା ଭରଶବଭ କୁହନ୍ତି । ଭାଇ ଭଉଣୀ ମଧ୍ୟରେ ଅବୈଧ ସଂପର୍କ ସ୍ଥାପିତ ହେଲେ ଅଥବା ଗୋଟିଏ ବଂଶର ରକ୍ତ ସଂପର୍କୀୟ ଭାଇ ଭଉଣୀ ମଧ୍ୟରେ ଅନୈତିକ ସଂପର୍କ ରହିଲେ, ଅଥବା ସାମାଜିକ ସ୍ତରରେ ନୀଚ ବିଚାର କରାଯାଉଥିବା ଗୋଷ୍ଠୀ ସହିତ ଅସାମାଜିକ ସଂପର୍କ ସ୍ଥାପନ ହେଲେ, ତା'ର ଯଥାଯଥ ବିଚାର କରାଯାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ନିମନ୍ତେ ସାମାଜିକ ଅନୁମୋଦନ ମିଳେ । ଶରୀରର କୌଣସି ଅଂଶରେ ଘା' ହୋଇ ସେଥିରେ ପୋକ ଫୁଟିଗଲେ ବା କୀଟାଣୁ ସୃଷ୍ଟି ହେଲେ ସେହି ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ କରାଯାଏ । ଆରୋଗ୍ୟ ହେଲାପରେ ରୋଗୀ ନିମନ୍ତେ ଏକ "ଶୌଚ ପୂଜା" କରାଯାଏ । ଟାଣ୍ଡା ସଦସ୍ୟମାନେ, ଭୋଜିଭାତ ଖାଆନ୍ତି । ରୋଗୀଙ୍କୁ ଜାତି ଓ ସମାଜରେ ମିଶିବା ପାଇଁ ଅନୁମତି ମିଳେ । ମାଙ୍କଡ଼ିଆମାନେ ପଡ଼ୋଶୀ ସାନ୍ତାଳ ଓ କୋହ୍ଲୁ ଗୋଷ୍ଠୀ ସହ ସଂପର୍କ ରଖନ୍ତି ।







ସେମାନଙ୍କ ଘରେ ରନ୍ଧାଖାଦ୍ୟ ଖାଆନ୍ତି । ମାତ୍ର ସାନ୍ତାଳ ଓ କୋହ୍ଲମାନେ ମାଙ୍କଡ଼ିଆଙ୍କ ଘରେ ଖାଆନ୍ତି ନାହିଁ । ସେମାନେ ମଧ୍ୟ ଖଡ଼ିଆ, ଅନୁସୂଚିତ ଜାତି ଓ ମୁସଲମାନଙ୍କ ଠାରୁ ରନ୍ଧା ଖାଦ୍ୟ ଖାଆନ୍ତି ନାହିଁ । ସାମାଜିକ ମାନ ବା ଆଦର୍ଶରେ ବ୍ୟତିକ୍ରମ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସାମାଜିକ ବାସନ୍ଦ ଦଣ୍ଡ ଦିଆଯାଏ ।





# ବାଦ୍ୟ, ନୃତ୍ୟ ଓ ସଙ୍ଗୀତ

ଓଡ଼ିଶାର ଅନ୍ୟ ଜନଜାତିଙ୍କ ପରି ମାଙ୍କଡ଼ିଆମାନେ ଭାବପ୍ରଣୋଦିତ ହୋଇ ବାଦ୍ୟ, ସଙ୍ଗୀତ ଓ ନୃତ୍ୟକୁ ଭଲ ପାଆନ୍ତି । ସେମାନଙ୍କର ଅନ୍ତର୍ନିହିତ କଳାତ୍ମକ ପ୍ରତିଭା ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଅଭିବ୍ୟକ୍ତ ହୁଏ । ସେମାନେ ଖୁସିଥିବା ସମୟରେ ନୃତ୍ୟ ଓ ସଂଗୀତ ପରିବେଷଣ କରନ୍ତି । ସେମାନଙ୍କ ପର୍ବପର୍ବାଣି ଓ ପୂଜାବିଧି ସହିତ ନୃତ୍ୟ ଓ ବାଦ୍ୟ ଜଡ଼ିତ । କ୍ଲାନ୍ତ ଓ ଶ୍ରାନ୍ତ ଜୀବନରୁ ମୁକ୍ତ ହେବାପାଇଁ ଏହା ଏକ ଉତ୍ତମ ମାଧ୍ୟମ । ସେମାନେ ରାତିସାରା ଅବିରତ ଭାବରେ ଗୀତ ଗାଆନ୍ତି, ନାଚନ୍ତି ଓ ବଜେଇ ପାରନ୍ତି । ସେମାନଙ୍କର ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ସହିତ ପଡ଼ୋଶୀ ଜନଜାତି ମୁଣ୍ଡା, କୋହ୍ଲ ଓ ସାନ୍ତାଳଙ୍କର ସାଦୃଶ୍ୟ ରହିଛି ।





ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟମାନଙ୍କ ମଧ୍ୟରେ ଦଙ୍ଗ, ଲାଗ୍ଣା, ମୁତ୍କାର, ଯାଦୁର (ଗେଣା ସହିତ) କରମ୍ (ଖେମ୍ଟା, ଝୁମର ଓ ହଂସଦା) ନୃତ୍ୟ ପ୍ରଧାନ । ଏସବୁ ନୃତ୍ୟଗୁଡ଼ିକ ଦଙ୍ଗ ସେରେଙ୍ଗ୍, ଲାଗ୍ଣେ ସେରେଙ୍ଗ ଓ ମୁତ୍କାର ସେରେଙ୍ଗ ପରି ଉପଯୁକ୍ତ ସଙ୍ଗୀତ ସହିତ ସଠିକ ଭାବେ ସଂଯୋଜିତ ହୋଇଥାଏ । ଦଙ୍ଗ, ଲାଗ୍ଣେ, ମୁତ୍କାର ଆଦି ବିବାହ ନୃତ୍ୟ ଓ ସଙ୍ଗୀତର ବିଶିଷ୍ଟ ବିଶେଷତ୍ୱ ରହିଛି । ସ୍ୱାଭାବିକ ଭାବରେ ବିବାହ ଉତ୍ସବରେ ବିବାହ ସଙ୍ଗୀତ ସହିତ ସ୍ୱତନ୍ତ୍ର ବିବାହ ନୃତ୍ୟର ପରିବେଷଣ ଏକ ଭିନ୍ନ ମାଦକତା ଆଣିଥାଏ । ଲାଗଣେ ସଙ୍ଗୀତରେ ହିନ୍ଦୀଭାଷାର ପ୍ରଭାବ ଅନୁଭୁତ ହୋଇଥାଏ । ଧାର୍ମିକ ଉତ୍ସବଗୁଡ଼ିକରେ ଭକ୍ତିସଙ୍ଗୀତ ପରିବେଷିତ ହୁଏ ।








ନୃତ୍ୟ ଓ ସଙ୍ଗୀତରେ ସେମାନେ ବ୍ୟବହାର କରୁଥିବା ବିଭିନ୍ନ ବାଦ୍ୟଯନ୍ତ୍ର ଗୁଡ଼ିକ ହେଲା ଢୋଲକ ଅଥବା ମାଦଳ, ଟମକ ଅଥବା ନାଗରା (କେଟେଲ୍‌ଡ୍ରମ) ତିରିଅ ଅଥବା ତିନି, ପାଞ୍ଚ, ବା ସାତ ରନ୍ଧ୍ର ବିଶିଷ୍ଟ ବାଉଁଶ ନିର୍ମିତ ବଇଁଶୀ । ବାଉଁଶ ନିର୍ମିତ ବଂଶୀକୁ ଓଠରେ ଲଗାଇ ଗୋଟିଏ ରନ୍ଧ୍ରକୁ ଫୁଙ୍କିବା ସହିତ ଅନ୍ୟ ରନ୍ଧ୍ରଗୁଡ଼ିକରେ ଆଙ୍ଗୁଠି ଚାଳନା କରି ସୁନ୍ଦର ଓ ମଧୁର ମୂର୍ଚ୍ଛନା ତୋଳିହୁଏ । କାଠ ନିର୍ମିତ କେନ୍ଦେରା ଅଥବା ବେଞ୍ଜୋ ଅନ୍ୟ ଏକ ବାଦ୍ୟ । ଏଥିରେ ସଂଯୁକ୍ତ ଗୋଲାକାର ଫମ୍ପା କାଷ୍ଠ ବୃତ୍ତଟିକୁ ଗୋଧି ଚମଡ଼ାରେ ଛାଉଣୀ





କରାଯାଇଥାଏ । କେନ୍ଦେରା ବଜାଇବା ପାଇଁ ଧନୁ ଆକୃତିର ଅନ୍ୟ ଏକ ତନ୍ତ୍ରୀ ସାମଗ୍ରୀରେ କେତୋଟି ଗିନି ଓ ଘୁଙ୍ଗୁର ଲାଗିଥାଏ । ଗୋଟିଏ ସରୁତାର ଉପରେ ଅନ୍ୟ ଏକ ତା'ର ସଂଚାଳିତ ହୋଇ କୋମଳ ସ୍ୱରର ନିର୍ଗତ ହୁଏ ।

ଜନ୍ମ, ବିବାହ, ଭୋଜିଭାତ, ପର୍ବପର୍ବାଣି ପାଳନ ଆଦି ଆନନ୍ଦ ମୁଖର ଘଟଣା ପ୍ରବାହ ସହିତ ନୃତ୍ୟ ଯୋଡି ହୋଇଥାଏ । ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି । ବାଦ୍ୟର ତାଳେ ତାଳେ ଗୀତ ଗାଇ ମହିଳାମାନେ ନାଚି ଉଠନ୍ତି ।



ମାଙ୍କଡିଆ ମାନେ ଗୋଷ୍ଠୀନୃତ୍ୟ ପରିବେଷଣ କରନ୍ତି । ବାଳକ, ବାଳିକା, ଯୁବକ, ଯୁବତୀ, ବୁଢ଼ା ବୁଢ଼ୀ, ସମସ୍ତେ ଏଥିରେ ଅଂଶଗ୍ରହଣ କରନ୍ତି । ନୃତ୍ୟ ପରିବେଷଣ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ନଥାଏ । ସାଧାରଣତଃ ରାତିରେ ସେମାନେ ଗୋଷ୍ଠୀନୃତ୍ୟ କରନ୍ତି । ନୃତ୍ୟ ପରିବେଷଣ କରିବା ସମୟରେ ମହିଳାମାନେ କୌଣସି ସ୍ୱତନ୍ତ୍ର ବେଶ ପୋଷାକ ହୁଅନ୍ତି ନାହିଁ । ମାଙ୍କଡ଼ିଆ ନୃତ୍ୟ ଏବେ ମଧ ଅବସର ବିନୋଦର ଉତ୍ସ ହୋଇରହିଛି ।









# ଯୋଜନା ଓ ପରିବର୍ତ୍ତନ





ମାଙ୍କଡ଼ିଆମାନେ ଯାଯାବର ଜୀବନ ଯାପନ କରନ୍ତି । ଜୀବିକା ନିର୍ବାହ ପାଇଁ ସେମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ବର୍ତ୍ତମାନ ଜାତୀୟ ପ୍ରାଣୀ ଉଦ୍ୟାନ ଓ ବ୍ୟାଘ୍ର ପ୍ରକଳ୍ପ ଭାବେ ପ୍ରସିଦ୍ଧି ହାସଲ କରିଥିବା ଶିମିଳିପାଳ ପାହାଡ଼ର ପାର୍ବତ୍ୟାଞ୍ଚଳ ମାଙ୍କଡ଼ିଆମାନଙ୍କର ନିର୍ଭରଯୋଗ୍ୟ ଜୀବିକାସ୍ଥଳୀ । ଜଙ୍ଗଲ ସନ୍ନିକଟରେ ସେମାନେ ନିଜର ବସତି ସ୍ଥଳ ଟାଣ୍ଡା ପ୍ରତିଷ୍ଠା କରନ୍ତି । ଶିମିଳିପାଳର ଭିତରେ ଓ ବାହାରେ ସେମାନଙ୍କର ଟାଣ୍ଡା ଦେଖିବାକୁ ମିଳେ ।


ଜଙ୍ଗଲ ଓ ବଣ୍ୟଜନ୍ତୁ ସଂରକ୍ଷଣ ଆଇନ କାନୁନ୍ ଓ ନିୟମାବଳୀ କାର୍ଯ୍ୟକାରୀ ହେବା ଫଳରେ ଏହି ଯାଯାବର ଶ୍ରେଣୀର ମାଙ୍କଡ଼ିଆମାନେ ସେମାନଙ୍କ ଜୀବିକା ନିର୍ବାହ ନିମନ୍ତେ ଜଙ୍ଗଲରେ ଆଉ ମୁକ୍ତ ଓ ଅବାଧ ବିଚରଣ କରିପାରୁନାହାନ୍ତି । ସେମାନଙ୍କର ଅର୍ଥନୈତିକ ଅବସ୍ଥା ଏବେ ମଧ୍ୟ ବଦଳି ନାହିଁ । ସେମାନେ ଏକ ସୁନିଶ୍ଚିତ ଅବଧାରିତ ଅର୍ଥନୈତିକ ପ୍ରକ୍ରିୟାରେ ଉପନୀତ ହେବାପାଇଁ ସଂପ୍ରତି କ୍ରମବର୍ଦ୍ଧମାନ ଅବସ୍ଥା ଦେଇ ଗତି କରୁଛନ୍ତି । ଉପଯୁକ୍ତ ବିକଳ୍ପର ବ୍ୟବସ୍ଥା ନ କରି ସେମାନଙ୍କୁ ଖାଲି ଛାଡି ଦିଆ ଯାଇଛି ।

ବର୍ତ୍ତମାନ ମାଙ୍କିଡ଼ିଆମାନେ ସେମାନଙ୍କ ଭ୍ରମଣଶୀଳ ଅଭ୍ୟାସକୁ ଛାଡିଦେଇ କୃଷି ଓ ତତ୍ତୁଲ୍ୟ କାର୍ଯ୍ୟ ସାଧନରେ ମନୋନିବେଶ କରି ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରିବାକୁ ଚାହିଁଲେଣି । ଓଡ଼ିଶାରେ ବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତିଙ୍କ ମଧ୍ୟରୁ ମାଙ୍କଡ଼ିଆ ଅନ୍ୟତମ ବୋଲି ଚିହ୍ନଟ କରାଯାଇଛି । ୧୯୮୭ ମସିହାଠାରୁ ମୟୂରଭଂଜ ଜିଲ୍ଲାର ଯଶୀପୁର ସଦର ମହକୁମା ଠାରେ ମାଙ୍କଡ଼ିଆ ମାନଙ୍କର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ "ପାହାଡ଼ି ଖଡିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା" (HKMDA) ନାମରେ ଗୋଟିଏଅଣୁ ପ୍ରକଳ୍ପ Micro project କାର୍ଯ୍ୟ କରୁଛି ।

ଏହି ଅଣୁ ପ୍ରକଳ୍ପ, ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା କରଞ୍ଜିଆ ଅଧୀନସ୍ଥ ଯଶୀପୁର ବ୍ଲକର ଦୂର୍ଦୁରା ଗାଁରେ ଏବଂ ଆଉ ଗୋଟିଏ
















କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ଗାଁରେ ଦୁଇଗୋଟି ମାଙ୍କିଡ଼ିଆ ଥଇଥାନ କଲୋନୀ ନିର୍ମାଣ କରି ଦୁଇ ଦଳ ମାଙ୍କଡ଼ିଆ ଜନଜାତିଙ୍କୁ ସଫଳତାର ସହିତ ଥଇଥାନ କରିପାରିଛି ।

ଏସବୁ ମାଙ୍କଡ଼ିଆ ବସତି ଅଂଚଳରେ ସେମାନଙ୍କୁ ଗୋଷ୍ଠୀଗୃହ, କୂଅ, ନଳକୂଅ, ଅଙ୍ଗନୱାଡି କେନ୍ଦ୍ର ଆଦି ସାମୂହିକ ଭାବରେ ଯୋଗାଇ ଦିଆଯାଇଛି । ସେହିପରି ବ୍ୟକ୍ତିଗତ ଭାବରେ ସେମାନଙ୍କ ପାଇଁ ଇନ୍ଦିରା ଆବାସ, ବାଡି ବଗିଚା, ଫଟୋ ପରିଚୟ ପତ୍ର, ରେସନ କାର୍ଡ, ବି.ପି.ଏଲ୍. କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ଆଉ କେତେକ ଆୟକାରୀ ଯୋଜନାର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ସେମାନେ ଉପକୃତ ହେଉଛନ୍ତି ।



ଅଣ୍ଚୁ-ପ୍ରକଳ୍ପ ଓ ଅନ୍ୟାନ୍ୟ ସଂସ୍ଥାଦ୍ୱାରା ପ୍ରାୟୋଜିତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପ୍ରତି ମାଙ୍କଡ଼ିଆ ମାନଙ୍କର ସହଯୋଗିତା ରହିଛି । ଗୋଟିଏ ପଟେ ଦରିଦ୍ର ମାଙ୍କଡ଼ିଆ ଓ ଅନ୍ୟପଟେ ସାହାଯ୍ୟକାରୀ ସଂସ୍ଥା ସମୂହର ମଧ୍ୟବର୍ତ୍ତୀତାରେ କେତେକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ଶିକ୍ଷିତ ସାକ୍ଷର ହୋଇ ବ୍ୟବସାୟୀ ଓ ଟାକ୍ଟର ଚାଳକ ହେଲେଣି । ଏବେ ସେମାନେ ପିଲାମାନଙ୍କୁ ସ୍କୁଲ ପଠାଉଛନ୍ତି । ସମସ୍ତେ ସେମାନଙ୍କର ଭ୍ରମଣଶୀଳ ଅଭ୍ୟାସ ଛାଡି ଏବେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲେଣି ।

ଅଣ୍ଚୁ-ପ୍ରକଳ୍ପ ଅଥବା ଉନ୍ନୟନ ସଂସ୍ଥା ସୀମିତ ଅଂଚଳରେ କାର୍ଯ୍ୟ କରୁଛି । ଅଣ୍ଚୁ-ପ୍ରକଳ୍ପ ଅଂଚଳ ବାହାରେ ବହୁ ମାଙ୍କଡ଼ିଆ ଦଳ ଏବେ ମଧ୍ୟ ଭ୍ରମଣଶୀଳ ଜୀବନ ଅତିବାହିତ କରୁଛନ୍ତି । ସେମାନେ କରଞ୍ଜିଆର ଆଖପାଖ ଅଂଚଳ, ରାଇରଙ୍ଗପୁର, କପ୍ତିପଦା ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଚଳ, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଚଳ ଓ ଶିମିଳିପାଳ ଜାତୀୟ ଉଦ୍ୟାନରେ ଦେଖାଯାଆନ୍ତି ।

ଏସବୁ ଅଂଚଳ ମାନଙ୍କରେ ସେମାନେ ସ୍ଥାୟୀ ଭାବରେ ବାସ କରୁ ନଥିବାରୁ ଆଦିମ ଆଦିବାସୀ ଗୋଷ୍ଠୀ ନିମନ୍ତେ ଉଦ୍ଦିଷ୍ଟ ସାହାଯ୍ୟରୁ ବଂଚିତ ହେଉଛନ୍ତି । ଭ୍ରମଣଶୀଳ ହୋଇ ସେମାନେ ଏକ ଅନୁନ୍ନତ, ଅଶିକ୍ଷିତ, ଭୂମିହୀନ ଓ ଗୃହହୀନ ଜୀବନ ବିତାଉଛନ୍ତି । କେନ୍ଦୁମୁଣ୍ଡି ଓ ଦୂରଦୂରା ଗାଁର ମାଙ୍କଡ଼ିଆ ଦଳ ପାହାଡ଼ୀ ଖଡିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା ଦ୍ୱାରା ଥଇଥାନ ହୋଇ ସମୃଦ୍ଧି କରିବାର ଦେଖି ଅନ୍ୟ ମାଙ୍କଡ଼ିଆମାନେ ପ୍ରଗତିଶୀଳ ହେବାପାଇଁ କ୍ରମଶଃ ପ୍ରଭାବିତ ହେଉଛନ୍ତି ।







# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ






**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲଟାନ୍ସି